# Akashvani, Sambalpur

## SAMBALPURI NEWS EVENING BULLETIN

## 20 March 2026-7.02- 7.12 pm.

---

୧- ବିଧାନ୍‌ସଭା ନ ଆଏଜ୍ ନିର୍ମାଣ, ଉଚ୍ଚଶିକ୍ଷା ଆଉ ଗଣଶିକ୍ଷା ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

୨- ସାରା ରାଏଜେ ଉସତ୍ ଉସ୍‌ନାକିଥି ପାଳନ୍ ହେଲା ପଖାଲ୍ ଦିବସ ।

- ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ୨୦୨୩-୨୪ ବଛରେ ନିଯୁକ୍ତି ପାଇଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍ ମାନ୍‌କୁ ନିୟମିତ୍ କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ଆଏବା ୨୫ ତାରିଖ୍ ଦିନ ମୁଲ୍ ହେବା ପୁରୀ ଶ୍ରୀମନ୍ଦିର୍‌ର ରତ୍ନଅଲଙ୍କାର୍ ଗନ୍‌ତି ମନ୍‌ତି ।

ବିଧାନ୍‌ସଭା          ଆଇ.ଆଣ୍ଡ୍‌.ପି.ଆର୍‌

ବିଧାନ୍‌ସଭା ବଜେଟ୍‌ ଅଧିବେଶନ୍‌ର ୨ ନମ୍ବର୍‌ ଖେପ୍‌ ୧୦ ନମ୍ବର୍‌ ଦିନେ ଆଏଜ୍‌ ଭିଲ୍‌ କଟକ୍‌ ଏସ୍‌ସିବି ମେଡ଼ିକାଲ୍‌ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ବିରୋଧୀ ସଦସ୍ୟମାନେ ଗୃହ ନ ହୋହଲ୍ଲା କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍‌ ଇସ୍ତଫା ଦାବି କରିକରି ବିରୋଧୀ ବିଜେଡ଼ି ଆଉ କଂଗ୍ରେସ୍‌ ସଦସ୍ୟମାନେ ଗୃହ ମଝାକେ ଆସିକରି ଗଗାକିର୍ଲା କର୍‌ବାର୍‌ନୁ ପ୍ରଶ୍ନକାଳ ଆଉ ଶୂନ୍ୟକାଳ ବାଧାପ୍ରାପ୍ତ ହେଇଥିଲା । ବାଚସ୍ପତି ସୁରମା ପାଢ଼ୀ ବିଧାନ୍‌ସଭା କାମ୍‌କାଜ୍‌ଥି ଭାଗ୍‌ ନେବାର୍‌କେ ସଦସ୍ୟମାନ୍‌କୁ ଅନୁରୋଧ୍‌ କରିଥିଲେ ଭିଲ୍‌ ପରିସ୍ଥିତି ସ୍ୱାଭାବିକ୍‌ ନାଇଁ ହେଇପାର୍‌ଲା । ଇଥିର୍‌ଲାଗି ବାର୍‌ବାର୍‌ ଗୃହକେ ମୁଲ୍‌ତବୀ କର୍‌ବାର୍‌କେ ପଡ଼ିଥିଲା । ଉପର୍‌ବେଲା ୪ ବଜେ ଗୃହକାର୍ଯ୍ୟ କିଛିଟା ଚାଲିଥିଲା । ବିରୋଧୀଙ୍କର୍‌ ହୋହଲ୍ଲା ଭିତ୍‌ରେ ଆଏଜ୍‌ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ୍‌ ହରିଚନ୍ଦନ୍‌ ନିର୍ମାଣ୍‌ ବିଭାଗ୍‌ର, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ ନିଜର୍‌ ନିଜର୍‌ ବିଭାଗ୍‌ର ବଜେଟ୍‌ ଖର୍ଚ୍ଚା ଦାବି ଉପସ୍ଥାପନ୍‌ କରିଥିଲେ ।

ବିଧାନ୍‌ସଭା-ଶିଳ୍ପ ବିଭାଗ୍‌      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶିଳ୍ପ ଥାପ୍‌ନା ଲାଗି ଜମି ନେଇକରି କାମ୍ ମୁଲ୍ ନାଇଁ କରିଥିବା ରାଜ୍ୟର୍ ୨୫ ଟା ଶିଳ୍ପାନୁଷ୍ଠାନ୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ ବଲି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଗୃହ ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍, ନୋଟିସ୍ ଉତ୍‌ରୁ ୭ ଟା ଶିଳ୍ପାନୁଷ୍ଠାନ୍‌ର ଜମି ଆବଂଟନ୍ ରଦ୍ଦ କରାଯାଇଛେ । ଏଛ୍‌ନି କୋର୍ଟ ନ ୫ ଟା ମାମ୍‌ଲା ବିଚାରାଧୀନ୍ ରହିଛେ । ଇଡ୍‌କୋ ଜରିଏ ବଂଟାଯାଇଥିବା ଜମି ଭିତ୍‌ରୁ ୯ ଶହ ୧୪ ଟା ଶିଳ୍ପ ସଂସ୍ଥା ବନ୍ଦ୍ ରହିଛେ । ସେଥିର୍‌ଭିତ୍‌ରୁ ୨ ଶହ ୬୭ ଟା ଶିଳ୍ପ ସଂସ୍ଥାର୍ ଆବଂଟନ୍ ରଦ୍ଦ କରାଯିବାର୍ ସହେତେ ୬ ଶହ ୬୫ ଟା ସଂସ୍ଥାକେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ ବଲି ଶିଳ୍ପମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ପଖାଳ ପର୍ବ      ଆଇ.ଆଣ୍ଡ୍.ପି.ଆର

ସାରା ପୁରଥି ନ ରହୁଥିବା ଓଡ଼ିଆମାନେ ଆଏଜ୍ ବିଶ୍ୱ ପଖାଳ ଦିବସ୍ ପାଲନ୍ କରିଛନ୍ । ଓଡ଼ିଶାର୍ ଧନୀ ନୁ ଗରିବ୍ ଯାଏ ସବୁ ବର୍ଗର୍ ଲୁକ୍କର୍ ମନ୍‌ପସନ୍ଦ୍ ଖାଦ୍ୟ ହେଉଛେ ପଖାଲ୍ । ଓଡ଼ିଆ ଖାଦ୍ୟ ପରମ୍ପରା, ଲୋକସଂସ୍କୃତି ଆଉ ଆଧାତ୍ମିକ ଚେତନାର୍ ଗୁଟେ ସମନ୍ୱିତ ପ୍ରତୀକ୍ ଭାବେ ପଖାଲ୍ ନୂଆଁ ପରିଚୟ ବନେଇ ପାରିଛେ । ୨୦୧୧ ମସିହା ମାର୍ଚ୍ଚ ୨୦ ତାରିଖ୍‌ନୁ ଇ ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ପଖାଲ୍ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ପାନ୍ଥ ନିବାସ୍ ପରିସର୍ ନ ରାଜ୍ୟ ପର୍ଯ୍ୟଟନ ବିଭାଗ୍ ତର୍‌ଫୁ ପଖାଳ ପରବ ପାଲନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ, ଦୁହି ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ଆଉ ଉପବାଚସ୍ପତିଙ୍କର୍ ସହେତେ ନେତାମନ୍ତ୍ରୀମାନେ ଯୋଗ୍ ଦେଇକରି ପଖାଲ୍‌ର ମଜା ନେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ପଖାଲ୍ ଖାଲି ଗୁଟେ ଆହାର ନୁହେଁ, ଇଟା ଓଡ଼ିଶାର୍ ସଂସ୍କୃତି ଆଉ ପରମ୍ପରାର୍ ଗୁଟେ ଅବିଚ୍ଛେଦ୍ୟ ଅଙ୍ଗ ଆଏ । ପଖାଲ୍ ଦିବସ୍ ଜରିଏ ଓଡ଼ିଶାର୍ ଐତିହ୍ୟକେ ସମ୍ମାନ୍ ଜନାବାର୍ ଲାଗି ରାଜ୍ୟ ସର୍‌କାର୍ ଅହରହ ଚେରେଷ୍ଟା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ୮ ଶହ ୫୦ କେଜି ଚାଉଲ୍‌ଥି ୧୧ ଶହ ୭୭ କେଜି ପଖାଲ୍ ତିଆର୍ କରାଯାଇଥିଲା । ଇ ପଖାଲ୍ ୨ ହଜାର୍‌ନୁ ଅଏତ୍‌କା ଗରିବ୍ ଲୁକ୍‌କୁ ବଂଟାଯାଇଥିଲା ।

ବିଧାନ୍‌ସଭା-ଗଣଶିକ୍ଷା ବିଭାଗ୍      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଇଥିବା ବିଦ୍ୟାଲୟ ମାନ୍‌କର୍ ୪୪ ଲାଖ୍ ୩୯ ହଜାର୍ ୬ ଶହ ୨ ଝନ୍ ଛାତ୍ରଛାତ୍ରୀଙ୍କୁ ମାହାଲିଆ ସ୍କୁଲ୍ ପୋଷାକ୍ ଯୁଗେଇ ଦିଆଯାଉଛେ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଧାୟକ୍ ଟଙ୍କଧର ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଶିଶୁବାଟିକାନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କୁ ଝନ୍‌ପିଛା ଇଥିର୍‌ଲାଗି ହଜାରେ ଟଙ୍କା ଲେଖା ଦିଆଯାଉଛେ । ଗଲା ମାସ୍‌ତକ୍ ୧ ନୁ ୧୦ ଶ୍ରେଣୀର୍ ଛୁଆମାନ୍‌କୁ ଶହେ ପ୍ରତିଶତ୍ ପୋଷାକ୍ ଯୁଗେଇ ଦିଆଯାଇଛେ ବଲି ଗଣଶିକ୍ଷାମନ୍ତ୍ରୀ କହିଛନ୍ । ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ

କହିଛନ୍, ରାଏଜେ ଇ ବଛର୍ ମେଟ୍ରିକ୍ ପରୀକ୍ଷାଥି ୯ ହଜାର୍ ୯ ଶହ ୩୦ ଝନ୍ ଛାତ୍ରଛାତ୍ରୀ ଅନୁପସ୍ଥିତ୍ ଥିଲେ ।

କନିଷ୍ଠ ଶିକ୍ଷକ୍ ନିୟମିତ ଘୋଷ୍ନା          ଆଇ.ଆଣ୍ଡ୍.ପି.ଆର୍

୨୦୨୩-୨୪ ବଛ୍‌ରେ ନିଯୁକ୍ତି ପାଇକରି ଚୁକ୍ତିଭିତିଥି କାମ୍ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକ୍ ମାନ୍‌କୁ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ନିୟମିତ୍ କରାଯାଇଛେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍ନା କରିଛନ୍ । ଇ ଶିକ୍ଷକ୍‌ମାନ୍‌କୁ ଚାକିରୀନୁ ଯୋଗ୍ ଦେବାର୍ ସମିଆନୁ ନିୟମିତ୍ କରାଯାଇଛେ । ୨୦୨୫ ଡିସେମ୍ବର୍ ୩୧ ତାରିଖ୍‌ତକ୍ ସବୁ ସାହାଜ୍ ପାଏବାର୍ ସହେତେ ୨୦୨୬ ଜାନୁଆରୀ ୧ ତାରିଖ୍‌ନୁ ନିୟମିତ୍ କର୍ମଚାରୀମାନ୍‌କର୍ ବାଗିର୍ ଦର୍‌ମା ପାଏବେ । ସର୍‌କାର୍‌ଙ୍କର୍ ଇ ନିଷ୍ପତି ଜରିଏ ୧୩ ହଜାର୍‌ନୁ ଅଏତ୍‌କା ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ ଉପକୃତ ହେଇଛନ୍ ।

ରତ୍ନଭଣ୍ଡାର ଗନ୍‌ତିମନ୍‌ତି       ପୁରୀ ସମ୍ବାଦଦାତା

ଚଇତ୍ ମାସର୍ ଉଜଲ୍ ପଖର୍ ସପ୍ତମୀ ତିଥି ଅବ୍ସରେ ଆଏବା ୨୫ ତାରିଖ୍ ଦିନ ୧୨ ବାଜିକରି ୧୨ ମିନିଟ୍‌ନୁ ୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍ତି ମନ୍ତି ମୁଲ୍ କରାଯିବା । ରାଜ୍ୟ ସର୍କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ଗନ୍ତିମନ୍ତି କାମ୍ ଶୃଙ୍ଖଲିତ୍ ଭାବେ କରାଯିବା ବଲି ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ପରିସର୍ ନ ରତ୍ନଭଣ୍ଡାର୍ ଉଚ୍ଚସ୍ତରୀୟ କମିଟିର୍ ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ଅଧକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଧାରିଜ୍ କରାଯାଇଛେ । ତିହାର୍‌ବାହାର୍, ଶନିବାର୍ ଆଉ ରଏବାର୍ ଦିନ ଗନ୍ତିମନ୍ତି ନାଇଁ କରାଯାଏ । ସବୁ ପ୍ରକ୍ରିୟା ଭିଡ଼ିଓଗ୍ରାଫି କରାଯିବା ବଲି ବୈଠକ୍‌ଥି ଆଲୋଚନା କରାଯାଇଛେ । ଇ ଅବ୍ସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଆରକ୍ଷୀ ଅଧିକ୍ଷକ ଆଉ ଭିନ୍ ଭିନ୍ କମିଟିର ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ସୂଚନା, ପ୍ରସାରଣ ମନ୍ତ୍ରଣାଳୟ ଯୁଗ୍ମସଚିବ/ଢେଙ୍କାନାଲ୍ ସମ୍ବାଦଦାତା

ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରିଥୁଲ୍ କୁମାର୍ ଆଏଜ୍ ଢେଙ୍କାନାଲ୍ ଗସ୍ତର୍ ୨ ନମ୍ବର୍ ଦିନେ ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍ସି ର୍ ଭିନ୍ ଭିନ୍ କାମ୍ କାଜ୍ର ସମୀକ୍ଷା କରିଛନ୍ । ଆଏବା ଦିନେ ସଂସ୍ଥାନ୍ର ଉନ୍ନତି ଲାଗି ଭିନ୍ ଭିନ୍ ଅନୁଷ୍ଠାନ୍ ସଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ କରାଯିବା ବଲି ଶ୍ରୀ କୁମାର୍ କହିଛନ୍ । ଇ ଅବ୍ସରେ ସଂସ୍ଥାନ୍ର ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଶ୍ରୀ କୁମାର୍ ଭାବ୍ ବିନିମୟ କରିଥିଲେ ।

ପଖାଳ ଦିବସ        ନୂଆପଡ଼ା/ ବର୍ଗଡ଼୍ ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର୍ ସାରସ୍ୱତ ସମିତି ଆଉ ସାହିତ୍ୟଘର ତର୍ଫୁ ମହଗାଁ ହାଇସ୍କୁଲ୍ ପରିସର୍ ନ ପଖାଲ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ସଭେ ମିଶିକରି ପଖାଲ୍ ଖାଏବାର୍ ସହେତେ ଅତିଥି ମାନେ ଓଡ଼ିଆମାନ୍କର୍ ଲାଗି ପଖାଲ୍ର ଗୁରୁତ୍ୱ ଆଉ ପଖାଲ୍ ଦିବସ୍ର ମହତ୍ୱ ବାବ୍ଦେ ଆଲୋଚନା କରିଥିଲେ ।

ବର୍‌ଗଡ଼୍ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସର୍ ନ ହେଇଥିବା ପଖାଲ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ମାନିନୀ ଭୋଇଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଅତିଥି ମାନେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ମିଶିକରି ପଖାଲ୍ ଖାଇଥିଲେ ।

ଓୟୁଏଟି କୃଷକ୍ ମେଳା          ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଓୟୁଏଟି ପରିସର୍ ନ ଆଏଜ୍ ଓୟୁଏଟି କୃଷକ୍ ମେଳା-୨୦୨୬ ହେଇଯାଇଛେ । ଉଦ୍‌ଘାଟନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଓୟୁଏଟି କୃଷକ୍ ମେଳା ଇ ବଛର୍ ମହିଳା କୃଷି ଉଦ୍ୟୋଗୀ ଆଉ ବିକଶିତ କୃଷି ବିଷୟବସ୍ତୁକେ ଆଧାର୍ କରିକରି ଆୟୋଜନ୍ କରାଯାଇଛେ । ମେଳାଥି ୧୫ ନୁ ଅଏତ୍‌କା କୃଷି ସୂଚନା ବାବଦ୍ ଷ୍ଟଲ୍ ଲାଗିଥିଲା । ଇତାର୍ ଜରିଏ ଚାଷୀମାନ୍‌କୁ ନୂଆଁନୂଆଁ କୃଷି

ପ୍ରଯୁକ୍ତି, ଉଭାବନ ଆଉ ଭିନ୍ ଭିନ୍ କୃଷିସେବା ବାବ୍‌ଦେ ସୂଚନା ଦିଆଯାଇଥିଲା ।

ସଡ଼କ ସୁରକ୍ଷା କମିଟି ବୈଠକ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଅଧକ୍ଷତା କରିକରି ଟ୍ରାଫିକ୍ ନିୟମ୍‌ର ଅନୁପାଳନ୍, ରାସ୍ତା ପାଖୁ ଜବର୍‌ଦଖଲ୍ ହଟାବାର୍ ଆର୍ ରାସ୍ତାମାନ୍‌କର୍ ଆଲୋକିକରଣ ବ୍ୟବସ୍ଥା ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ । ଇ ଅବ୍‌ସରେ ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ରଙ୍କର୍ ସହେତେ ଭିନ୍ ଭିନ୍ ଲାଇନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଅଭିଯୋଜନ ନିର୍ଦ୍ଦେଶାଳୟ-ନୂଆଁ କାର୍ଯ୍ୟାଳୟ        ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲା କୋଷାଗାର ପାଖେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର୍ ନୂଆଁ କାର୍ଯ୍ୟାଳୟ ଉଦ୍‌ଘାଟିତ୍

ହେଇଯାଇଛେ । ଜିଲ୍ଲା ଆଉ ସେସନ୍ସ ଜଜ୍ ଆଉ ଜିଲ୍ଲାପାଳ୍ ମିଶିକରି ଇତାର୍ ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ି ଆଉ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମ୍‌ବା । ତାର୍ ଉତ୍‌ରୁ ତାପମାତ୍ରା ଫେର୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।